**ଫେରାର ଅଭିଯୁକ୍ତ ଗିରଫ**

**ଆସିକା,(ସୁରେନ୍ଦ୍ରନାଥ ସାହୁ):** ଗାଙ୍ଗପୁର ଥାନା ଅନ୍ତର୍ଗତ ଖଇରପୁଟୀ ଗ୍ରାମରୁ ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି । ସେ ହେଲେ ସେହି ଗ୍ରାମର ଗୌର ଚନ୍ଦ୍ର ବିଷୋୟୀ । ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ଗାଙ୍ଗପୁର ଥାନା ଅଞ୍ଚଳରେ ଗତ ୨୦୧୪ରେ ଏକ ଚୋରି ମାମଲାରେ ଅଭିଯୁକ୍ତ ଥାଇ ଅଦାଲତରେ ହାଜର ହେଉ ନ ଥିବାରୁ ଅଦାଲତ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଥିଲା ।



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର,୨।୭(ସୁବାସ ଚନ୍ଦ୍ର ପାଢ଼ୀ):** ଗୋପାଳପୁର ଜଙ୍କଶନ ନିକଟ ଜାତୀୟ ରାଜପଥରେ କୌଣସି ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ମୃତ୍ୟୁ ଘଟିଛି। ସେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ କୋଳଥିଗାଁର ଶରତ ଜେନାଙ୍କ ପୁଅ ସୁବ୍ରତ(୩୨)। ଟ୍ରାଫିକ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଦୁର୍ଘଟଣା ଘଟାଇଥିବା ଗାଡ଼ି ଓ ଚାଳକଙ୍କୁ ଠାବ କରିବା ପାଇଁ ପୋଲିସ ପ୍ରୟାସ କରୁଛି। ପ୍ରକାଶ ଯେ, ସୁବ୍ରତ କୌଣସି କାରଣରୁ ଶୁକ୍ରବାର ରାତିରେ ବାଇକ ନେଇ ଘରୁ ବାହାରକୁ ଯାଇଥିଲେ। ଜାତୀୟ ରାଜପଥରେ ବିଳମ୍ବିତ ରାତିରେ କୌଣସି ଏକ ଗାଡ଼ି ତାଙ୍କ ବାଇକକୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ସୁବ୍ରତ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବରପାଇ ଆମ୍ବୁଲାନ୍ସ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ସୁବ୍ରତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଟ୍ରାଫିକ ପୋଲିସ ଏ ନେଇ ମୃତକଙ୍କ ବାପା ଶରତଙ୍କୁ ଖବର ଦେଇଥିଲା। ସେ ମେଡିକାଲରେ ପହଞ୍ଚି ପୁଅ ମୃତଦେହ ଚିହ୍ନଟ କରିଥିଲେ। ଏ ସଂକ୍ରାନ୍ତରେ ନଂ. ୨୨୪/୨୩ରେ ଏକ ମାମଲା ରୁଜୁ ହୋଇଛି।

### ତ୍ରୈମାସିକ ସାହିତ୍ୟ ଆସର

**ଆସିକା,୨।୭(ସୁରେନ୍ଦ୍ର ନାଥ ସାହୁ):** ସାରସ୍ୱତ ଓ ସାଂସ୍କୃତିକ ଅନୁଷ୍ଠାନ ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ ପକ୍ଷରୁ ରବିବାର ନୂଆଗାଁସ୍ଥିତ କାର୍ଯ୍ୟାଳୟ ପରିସରରେ ତ୍ରୈମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା । ବଂଶୀଧର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବଂଶୀଧର ନାହାକ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ମାହେଶ୍ୱରୀ ଦୋରା, ନୃତ୍ୟ ଗୁରୁ ନବଘନ ପରିଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସଂଗୀତ ଗୁରୁ ବଳରାମ ଗୌଡ, ପିତାମ୍ବର ମହାରଣା, ସଉରୀଚରଣ ବିଷୋୟୀ, ପ୍ରଫୁଲ୍ଲ ସ୍ୱାଇଁ, ନିଲୁ ମହାରଣା, ଅରୁଣ ଖୁଣ୍ଟିଆ ପ୍ରମୁଖ ଛାନ୍ଦ, ଚଉପଦୀ, ଓଡିଶୀ, ଚମ୍ପୁ ଆଦି ପ୍ରାଚୀନ ସଂଗୀତ ଗାୟନ କରିଥିଲେ । ଅନୁଷ୍ଠିତ କବିତା ଆସରରେ ଡ. ସୌଭାଗ୍ୟ ମଞ୍ଜରୀ ନାଥ, ପଦ୍ମିନୀ ଦାଶ, ବୃନ୍ଦାବନ ବାଡତ୍ୟା, ସରୋଜ କୃଷ୍ଣ ଷଡଙ୍ଗୀ, ରଘୁନାଥ ପରିଡା ପ୍ରମୁଖ କବିତା ପାଠ କରିଥିଲେ । ଅନୁଷ୍ଠାନର ସମ୍ପାଦକ ରବିନ୍ଦ୍ର କୁମାର ମଲ୍ଲ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ । ବୁଦ୍ଧିରାମ ନାହାକ ଧନ୍ୟବାଦ ଅର୍ପଣ କରିଥିଲେ ।

### ବନମହୋତ୍ସବ ସପ୍ତାହ ପାଳିତ

**ରମ୍ଭା,୨।୭(ବନବାସୀ ସେଠୀ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତ ଗୌରାଙ୍ଗ ପାଟଣା ଗ୍ରାମର ବହୁମୁଖି ବାତ୍ୟା ଆଶ୍ରୟସ୍ଥଳ ପରିସରରେ ୭୪ ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ରମ୍ଭା ବନ୍ୟପ୍ରାଣୀ ଓ ବନାଞ୍ଚଳ, ଆଞ୍ଚଳିକ ସେବକ ସଂଘ ଗୌରାଙ୍ଗପାଟଣା ଓ ଅରବିନ୍ଦ କ୍ଲବର ମିଳିତ ସହଯୋଗରେ ଏହା ପାଳନ କରାଯାଇଛି। ଆଞ୍ଚଳିକ ସେବକ ସଂଘ ଗୌରାଙ୍ଗପାଟଣାର ସଭାପତି କୃଷ୍ଣଚନ୍ଦ୍ର ବେହେରା ଏଥିରେ ଅଧକ୍ଷତା କରିଥିବା ବେଳେ ପାଲୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ବେହେରା ମୁଖ୍ୟ ଅତିଥି, ଶିକ୍ଷକ ଜୟକୃଷ୍ଣ ତ୍ରିପାଠୀ, ଅରବିନ୍ଦ କ୍ଲବର୍ ସଭାପତି ରସାନନ୍ଦ ବେହେରା ସମ୍ମାନିତ ଅତିଥି, ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ନରସିଂହ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଗୌରାଙ୍ଗ ପାଟଣା ଆଞ୍ଚଳିକ ସେବକ ସଂଘର ଉପ ସଭାପତି ସମୀର କୁମାର ଅଧିକାରୀ, କୋଷାଧକ୍ଷ ନିରଞ୍ଜନ ବେହେରା, ବନପାଳ ଗୌରାଙ୍ଗ ପ୍ରଧାନ ପ୍ରମୁଖ ଯୋଗଦେଇ ବନମହୋତ୍ସବ ସମୟରେ ଚାରାରୋପଣ ଓ ବନୀକରଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରକୃତିବନ୍ଧୁ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିଲେ। ଅଙ୍ଗନୱାଡି କର୍ମୀ ବସୁମତୀ ଦାସ, ବନରକ୍ଷୀ ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଗୌରାଙ୍ଗପାଟଣା ଅଙ୍ଗନୱାଡି କେନ୍ଦ୍ର ପରିସରରେ ଅଁଳା, ନିମ୍ବ, ବେଲ, ପିଜୁଳି, କଦମ୍ବ, ଅଶୋକ ଆଦି ଚାରା ରୋପଣ କରାଯାଇଥିଲା। ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱରା ଗୌରାଙ୍ଗ ପାଟଣା ଗ୍ରାମର ପ୍ରତ୍ୟେକ ପରିବାରକୁ ଗୋଟିଏ ଲେଖାଏଁ ଚାରା ବଣ୍ଟାଯାଇଥିଲା।

# ଚାହିଦା କମିଲେ ବି ବଞ୍ଚିଛି କଣ୍ଢେଇ ଯାତ୍ରା

ବ୍ରହ୍ମପୁର,୨।୭(ସ୍ମୃତି ରଞ୍ଜନ ମହାଲିକ)

ପୂର୍ବରୁ କଣ୍ଢେଇର ଚାହିଦା ଢେର ଅଧିକ ରହିଥିଲା। କୌଣସି ଯାତ୍ରା ପଡ଼ିଲେ ମାଟି ଓ କାଠରେ ତିଆରି ଭଳିକି ଭଳି କଣ୍ଢେଇ କିଣିବାକୁ ଛୋଟ ପିଲାଙ୍କ ଭିଡ ଜମୁଥିଲା। ଅଭିଭାବକମାନେ ମଧ୍ୟ କଣ୍ଢେଇ କିଣି ଦେଇ ପିଲାଙ୍କୁ ଖୁସି କରୁଥିଲେ। ବର୍ତ୍ତମାନ ଏସବୁ କଣ୍ଢେଇର ଚାହିଦା କ୍ରମଶଃ ହ୍ରାସ ପାଇଛି। ମାଟି ଓ କାଠ କଣ୍ଢେଇ ପରିବର୍ତ୍ତେ ଇଲେକଟ୍ରୋନିକ୍ସ ଓ ପ୍ଲାଷ୍ଟିକ କଣ୍ଢେଇର ଚାହିଦା ବଢୁଛି। ଏହାସତ୍ତ୍ୱେ ବ୍ରହ୍ମପୁରର ମନ୍ଦିରମାଳିନୀ ସାହି କୁହାଯାଉଥିବା ଖାସ୍ପା ସାହି ଅଞ୍ଚଳରେ ଏବେ ବି କଣ୍ଢେଇ ଯାତ୍ରା ବଞ୍ଚି ରହିଛି। ପ୍ରତିବର୍ଷ ଆଷାଢ ପୂର୍ଣ୍ଣିମାରେ ଖାସ୍ପା ସାହିରେ କଣ୍ଢେଇ ଯାତ୍ରା ପାଳିତ ହୋଇଆସୁଛି। ଏହି ଯାତ୍ରା ୩୫୦ ବର୍ଷ ପୁରୁଣା ବୋଲି ଜଣାଯାଏ।

କିମ୍ବଦନ୍ତୀ ଅନୁଯାୟୀ, ଆଷାଢ ପୂର୍ଣ୍ଣିମାରେ ଖାସ୍ପା ସାହିରେ ଜଗନ୍ନାଥଙ୍କ ପଟ୍ଟାଭିଷେକ ଦେଖିବା ପାଇଁ ପ୍ରବଳ ଜନସମାଗମ ହେଉଥିଲା। ଏହା ଦେଖି ମନ୍ଦିରର ଜଣେ ପୂଜକ ମହୁରୀ ରାଜାଙ୍କୁ ଏହି ଦିନ ଏକ ଯାତ୍ରା କରିବା ପାଇଁ ପରାମର୍ଶ ଦେଇଥିଲେ। ଏହା ପରଠାରୁ କଣ୍ଢେଇ ଯାତ୍ରା ଆରମ୍ଭ ହୋଇଛି। ଏଭଳି ପରମ୍ପରାକୁ ସ୍ଥାନୀୟ ବାସିନ୍ଦା ଏବେ ସୁଦ୍ଧା ବଜାୟ ରଖିଛନ୍ତି। ଏହି ଦିନ ଖାସ୍ପା ସାହି ସ୍ଥିତ ବଡ ଜଗନ୍ନାଥ ଓ ସାନ ଜଗନ୍ନାଥ ମନ୍ଦିରରେ ଜଗନ୍ନାଥଙ୍କ ପଟ୍ଟାଭିଷେକ ବେଶ ହୋଇଥାଏ। ଏହା ପରେ ସନ୍ଧ୍ୟାରେ ଖାସ୍ପା ସାହିଠାରୁ ଆରମ୍ଭ କରି ବଡବଜାର ପର୍ଯ୍ୟନ୍ତ ଭଳିକି ଭଳି କଣ୍ଢେଇ ପସରା ଦେଖିବାକୁ ମିଳିଥାଏ। ସନ୍ଧ୍ୟାରୁ ବିଳମ୍ବିତ ରାତି ଯାଏ ସହରବାସୀଙ୍କ ସମେତ ଗ୍ରାମାଞ୍ଚଳ ଲୋକଙ୍କର ମଧ୍ୟ ଭିଡ ଜମିଥାଏ। ଯାତ୍ରାରେ ମାଟିରେ ତିଆରି କଣ୍ଢେଇଠାରୁ ଆରମ୍ଭ କରି କାଠରେ ତିଆରି ଛୋଟ ଆଲମିରା, ଖଟ ବିକ୍ରି ହୋଇଥାଏ। ଏଥିସହ ଚିନିରେ ପ୍ରସ୍ତୁତ ଶୁଆ ଓ ପଶୁପକ୍ଷୀଙ୍କ କଣ୍ଢେଇ ବିକ୍ରି ହୋଇଥାଏ। ଏହି ସବୁ କଣ୍ଢେଇର ଉଚ୍ଚତା ୧ ଫୁଟ ଓ ୨ ଫୁଟ ରହିଥାଏ। ଯାହାକୁ କିଣିବା ପାଇଁ ସହରବାସୀଙ୍କ ମହଲରେ ଉତ୍କଣ୍ଠା ଦେଖିବାକୁ ମିଳିଥାଏ। ପୂର୍ବରୁ ଏହି ଯାତ୍ରା ଦେଖିବା ପାଇଁ ସହର ଉପକଣ୍ଠସ୍ଥ ଲାଠି, ଟାମଣା ଓ ସୁକୁଣ୍ଡା ଆଦି ଅଞ୍ଚଳରୁ ଲୋକେ ଶଗଡରେ ଆସୁଥିଲେ। ସେ ସମୟରେ ପାରଳାଖେମୁଣ୍ଡି ଶିଙ୍ଘ କାରୁକାର୍ଯ୍ୟ, ଆନ୍ଧ୍ରର କାଠ କାର୍ଯ୍ୟ, ବେଲଗୁଣ୍ଠାର ପିତ୍ତଳ ମାଛ କାରୁକାର୍ଯ୍ୟ ଓ କଟକର ତାରକସି କାମ ଦେଖିବାକୁ ମିଳୁଥିଲା। କିନ୍ତୁ କାଳକ୍ରମେ ଚାଇନା କଣ୍ଢେଇର ଚାହିଦା ବୃଦ୍ଧି ପାଇବା କାରଣରୁ ଏ ସବୁର ବିକ୍ରି ହ୍ରାସ ପାଇଛି। ବର୍ତ୍ତମାନ ହାତ ତିଆରି କଣ୍ଢେଇ ଓ କାରୁକାର୍ଯ୍ୟ ଯାତ୍ରାରେ ବିକ୍ରି ହେଉ ନ ଥିବା ଦେଖିବାକୁ ମିଳିଛି। କିନ୍ତୁ ପ୍ରତି ବର୍ଷ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ କ୍ରମେ ଆମ ସଂସ୍କୃତି ଓ ଆମ ପରମ୍ପରା ନାମକ ସଂସ୍ଥା ପକ୍ଷରୁ କଣ୍ଢେଇ ଯାତ୍ରା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଚଳିତ ବର୍ଷ ମଧ୍ୟ ସଂସ୍ଥା ପକ୍ଷରୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଳମ୍ବିତ ରାତି ଯାଏ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯିବ ବୋଲି ସଂସ୍ଥାର ସଭାପତି ସୂର୍ଯ୍ୟ ନାରାୟଣ ଦାଶ କହିଛନ୍ତି।



କଣ୍ଢେଇ ଯାତ୍ରାରେ ବିକ୍ରି ହେଉଥିବା ବିଭିନ୍ନ ଖେଳନା ।

# ଟିପିଏସ୍‌ଓଡିଏଲକୁ ରାଜ୍ୟସ୍ତରୀୟ ବିଦ୍ୟୁତ ସୁରକ୍ଷା ପୁରସ୍କାର





ଟିପିଏସଓଡିଏଲକୁ ବିଦ୍ୟୁତ ସୁରକ୍ଷା ପୁରସ୍କାର ସମାନ ପ୍ରଦାନ।

ବ୍ରହ୍ମପୁର,୨।୭ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସର୍କଲ ଅଧୀନସ୍ଥ ୩୩/୧୧ ଖଣ୍ଡଦେଉଳି ପ୍ରାଥମିକ ସବ୍‌ଷ୍ଟେସନରେ ଗ୍ରହଣ କରାଯାଇଥିବା ଶ୍ରେଷ୍ଠ ବିଦ୍ୟୁତ ସୁରକ୍ଷା ବ୍ୟବସ୍ଥା ପାଇଁ ଟିପି ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ)କୁ ରାଜ୍ୟସ୍ତରୀୟ ବିଦ୍ୟୁତ ସୁରକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ଲୋକ ସେବା ଭବନରେ ମୁଖ୍ୟଯନ୍ତ୍ରୀ ତଥା ପ୍ରଧାନ ମୁଖ୍ୟ ବିଦ୍ୟୁତ ନିରୀକ୍ଷକ (ପିସିଆଇ)ଙ୍କ ପକ୍ଷରୁ ୪ର୍ଥ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ ହୋଇଥିଲା। ଏହି ଅବସରରେ ଶକ୍ତି, ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଦ୍ୱାରା ଟିପିଏସ୍‌ଓଡିଏଲକୁ ପୁରସ୍କୃତ ଘୋଷଣା କରାଯାଇଥିଲା। ଟିପିଏସ୍‌ଓଡିଏଲକୁ ତୃତୀୟ ଥର ପାଇଁ ଶ୍ରେଷ୍ଠ ସୁରକ୍ଷା ପ୍ରଥା ପାଇଁ ପୁରସ୍କାର ପ୍ରଦାନ କରାଯାଇଛି। ମିସନ ଜିରୋ ହାର୍ମ କାର୍ଯ୍ୟକ୍ରମ ପାଇଁ ୨୦୨୧ରେ ଓ ବ୍ରହ୍ମପୁର ସର୍କଲ ଅଧୀନସ୍ଥ ୩୩/୧୧ କେଭି ବାଲୁ ଗାଁ ପ୍ରାଥମିକ ସବଷ୍ଟେସନ ପାଇଁ ୨୦୨୨ରେ କମ୍ପାନୀକୁ ବିଜେତା ଘୋଷଣା କରାଯାଇଥିଲା। ଏ ନେଇ ଟିପିଏସ୍‌ଓଡିଏଲ ସିଇଓ ଅମିତ ଗର୍ଗ କହିଛନ୍ତି ଯେ, ବିଦ୍ୟୁତ ସୁରକ୍ଷାକୁ ପ୍ରାଥମିକତା ଓ ସୁଦୃଢ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ରହିଥିବା ଅତୁଟ ପ୍ରତିବଦ୍ଧତାକୁ ଏହି ମାନ୍ୟତା ପ୍ରତିଫଳିତ କରୁଛି। ଗ୍ରାହକ ଓ ସମାଜକୁ ସେବା ପ୍ରଦାନ ଜାରି ରଖିଥିବା ବେଳେ ବିଦ୍ୟୁତ ସୁରକ୍ଷାର ଉଚ୍ଚତର ମାନକକୁ ବଜାୟ ରଖିବା ସୁନିଶ୍ଚିତ କରିବୁ ବୋଲି ସେ କହିଛନ୍ତି।

# ଖଲ୍ଲିକୋଟ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ



ଅତିଥିମାନଙ୍କ ଦ୍ୱାରା କାବ୍ୟ ଲୋକାର୍ପିତ କରାଯାଉଛି।

ବ୍ରହ୍ମପୁର,୨।୭(ସ୍ମୃତି ରଞ୍ଜନ ମହାଲିକ୍)

ଖଲ୍ଲିକୋଟ ସାଂସ୍କୃତିକ ପରିଷଦର ପଞ୍ଚଦଶ ତମ ବାର୍ଷିକ ଉତ୍ସବ ରବିବାର ଗଜପତିନଗର ସ୍ଥିତ କଳିଙ୍ଗ ବୈଶ୍ୟ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭପତି ରବୀନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ରାଜନୀତି ବିଜ୍ଞାନୀ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ ଗୀତାଞ୍ଜଳୀ ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ରମ୍ଭା ଏନ୍‌ଏସି ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ପଣ୍ଡା, ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଇଂ ନିରଞ୍ଜନ ବେହେରା, ପରିଷଦର ଉପ ସଭାପତି ପ୍ରଫୁଲ୍ଲ କୁମାର ନନ୍ଦ, ସମ୍ପାଦକ ବିଜୟ କୁମାର ପାଢ଼ୀ, କୋଷାଧକ୍ଷ ସୁବାସ ଚନ୍ଦ୍ର ସୁବୁଦ୍ଧି ଓ ସଂଯୋଜକ ଦେବୀ ପ୍ରସାଦ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପରିଷଦର ବରିଷ୍ଠ ସଦସ୍ୟ ହାଡିବନ୍ଧୁ ମାଳି ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୋପାଳ କୃଷ୍ଣ ଡାକୁଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ପୁଷ୍ପାଞ୍ଜଳି ପଟ୍ଟନାୟକଙ୍କ ରଚିତ କାବ୍ୟ 'ବୋଉ' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡା ରାଜେନ୍ଦ୍ର କୁମାର ବେହେରା, ଇଂ ଶ୍ରୀକାନ୍ତ ମହାପାତ୍ର, ସୁରେଶ ଚନ୍ଦ୍ର ମହାପାତ୍ର, ଗୋପାଳ ଚନ୍ଦ୍ର ଡାକୁଆ, ଲଡୁକେଶ ମିଶ୍ର, ଦୀନବନ୍ଧୁ ଶ୍ରୀପଲ୍ଲବ, ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ଓ ଭିକାରୀ ଚରଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏମ୍‌କେସିଜି ମେଡିକାଲରୁ ପ୍ରସବ ରିପୋର୍ଟ ଜବତ

## ଶିଶୁପୁତ୍ରକୁ ନେଇ ୨ ମହିଳାଙ୍କ ମଧ୍ୟରେ ବିବାଦ ଘଟଣା

ବ୍ରହ୍ମପୁର,୨।୭(ସୁବାସ ଚନ୍ଦ୍ର ପାଢ଼ୀ )

୫ ବର୍ଷର ପୁଅକୁ ନେଇ ଉଠିଥିବା ବିବାଦ ଏବେ ବି ସମାଧାନ ହୋଇପାରୁନି। ଜନ୍ମ କରିଥିବା ମା' ସୁନିତା ବେହେରା ଓ ଲାଳନପାଳନ କରିଥିବା ମା' ଗୀତା ଦାଶଙ୍କ ମଧ୍ୟରେ ଲାଗିଥିବା ବିବାଦ ତୁଟୁ ନ ଥିବା ବେଳେ ଶିଶୁପୁତ୍ର ଏବେ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଉତ୍କଳ ବାଳାଶ୍ରମରେ ରହୁଛି। ସୁନିତା ୨୦୧୮ରେ ଏମକେସିଜିରେ ଶିଶୁପୁତ୍ର ଜନ୍ମ ଦେଇଥିଲେ। ତାଙ୍କ ପୁଅକୁ କେହି ନେଇଯାଇଥିବା ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରି ଏମକେସିଜିରୁ ସୁନିତାଙ୍କ ଅଭିଯୋଗ ଆଧାରରେ ସମସ୍ତ କାଗଜପତ୍ର ଜବତ କରିଛି। ସୁନିତାଙ୍କ ପ୍ରସବ ରିପୋର୍ଟ ଏମକେସିଜି ରେକର୍ଡ ସେକ୍ସନରୁ ତଦନ୍ତ ଅଧିକାରୀ ଏସ୍‌ଆଇ ଅଞ୍ଜଳି ବେହେରା ଜବତ କରିଛନ୍ତି। ପ୍ରସବ ସମୟରେ ସୁନିତାଙ୍କ ସ୍ୱାମୀ ଡାକ୍ତରଖାନାରେ ଉପସ୍ଥିତ ଥିଲେ ଏବଂ ସେ ଡେଲିଭରି କେସ୍ ସିଟରେ ଦସ୍ତଖତ ମଧ କରିଥିଲେ। ପୁଅ ଜନ୍ମ ପରେ ସୁନିତା କାହାକୁ କିଛି ନକହି ପଳେଇ ଆସିଥିଲେ। ସୋମବାର ଏହି ରିପୋର୍ଟ କୋର୍ଟରେ ଦାଖଲ କରାଯିବ। ସୂଚନାଯୋଗ୍ୟ, ରମ୍ଭା ଥାନା ଅଞ୍ଚଳର ସୁନିତା ଗତ ୬ ତାରିଖରେ ତାଙ୍କ ପୁଅ ୫ବର୍ଷ ତଳେ ଚୋରି ହୋଇଯାଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ବ୍ରହ୍ମପୁର ଗଜପତି ନଗର ୭ମ ଲାଇନରେ ରହୁଥିବା ଅଟୋଚାଳକ ସନ୍ତୋଷ ଦାଶ ଓ ତାଙ୍କ ସ୍ତ୍ରୀ ଗୀତା ପୁଅକୁ ଚୋରି କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ସନ୍ତୋଷଙ୍କ ମୃତ୍ୟୁ ହୋଇଥିବା ବେଳେ ବର୍ତ୍ତମାନ ଗୀତା ଦାଶଙ୍କ ପାଖରେ ତାଙ୍କ ପୁଅ ଅଛି ବୋଲି ସେ ଦର୍ଶାଇଥିଲେ। ପୁଅ ଜନ୍ମର ୨ଦିନ ପରେ ସୁନିତା ଡିସଚାର୍ଜ ହୋଇଥିଲେ। ଗାଁକୁ ଯିବାକୁ ଅଟୋ ଚାଳକ ସନ୍ତୋଷଙ୍କୁ ଡାକିଥିଲେ। ସନ୍ତୋଷଙ୍କ ଅଟୋରେ ସୁନିତା ଓ ତାଙ୍କ ଶିଶୁପୁତ୍ରକୁ ନେଇ ସେତେବେଳେ ରହୁଥିବା ଆମ୍ବପୁଆ ଘରକୁ ଯାଇଥିଲେ। ସେଠାରେ ଗୀତା ଦାଶ ମଧ୍ୟ ଥିଲେ। ଦିନକ ପରେ ଗୀତା ଓ ସନ୍ତୋଷ ଶିଶୁପୁତ୍ରକୁ ନେଇ ଫେରାର ହୋଇଯାଇଥିଲେ ବୋଲି ସୁନିତା ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଶିଶୁ ପୁତ୍ରକୁ ଗୀତା ଦାଶଙ୍କ ନିକଟରୁ ଉଦ୍ଧାର କରିଥିଲା। ସେପଟେ ଗୀତା ପାଲଟା ଅଭିଯୋଗ କରିଥିଲେ। ସୁନିତା ଓ ତାଙ୍କ ସ୍ୱାମୀ ଶିଶୁକୁ ଫୋପାଡିବାକୁ ନେଉଥିଲେ। ତାଙ୍କ ଠାରୁ ଉଦ୍ଧାର କରି ପୁଅକୁ ଲାଳନପାଳନ କରିଛି ବୋଲି ଗୀତା କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ଶିବୁ



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ବିଭାଗର ସମ୍ବର୍ଦ୍ଧନା ଉତ୍ସବ

## ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚମାଧ୍ୟମିକ ବିଦ୍ୟାଳୟ





ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ୨।୭(ସ୍ମୃତି ରଞ୍ଜନ ମହାଲିକ)

ନୀଳକଣ୍ଠ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରଙ୍କର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ଏସ ମୋହନ ରାଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ରୂପେ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ମୁଖ୍ୟବକ୍ତା ଭାବେ ଦୁରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଛାତ୍ରୀଛାତ୍ରଙ୍କୁ ଅବିରତ ପ୍ରୟାସ, କଠିନ ପରିଶ୍ରମ ଓ ଉଚ୍ଚକୋଟୀର ଯୋଜନା ହିଁ ଆଗକୁ ବଢିବା ପାଇଁ ପ୍ରେରଣା ଦେବ କହିଥିଲେ । ଚଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ବିଦ୍ୟାଳୟରେ ୯୦% ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପଲବିନି ବିଶୋୟୀ, ଶୁଭମ ଦାସ, ଅନିକେତ କୁମାର ଦଳାଇ, ଇପ୍ସିତା ସାହୁ, ସୌମ୍ୟ ଜଗନ୍ନାଥ ପାଢ଼ୀ, ଆଦିତ୍ୟ ପ୍ରଶାଦ ମିଶ୍ର, ସଞ୍ଚିତା ପ୍ରିୟଦର୍ଶିନୀ , ମନ୍ମୀ ପଣ୍ଡା, ଅଭିଶେକ ସାହୁ, ଆଦ୍ୟାଶା ମହାରଣା, ଅନ୍ୱେଶା ମହାରଣା, ଠାକୁର ଆଶୁତୋଷ ଦାସ, ଚିନ୍ମୟ ବିଶ୍ୱାଳ, ଦେବଦତ୍ତ ମୁନି, ଅନ୍ୱେଶା ଦାସ, ମାନ୍ୟତା ଚୌଧୁରୀ, ତୃପ୍ତିମୟୀ ପ୍ରିୟଦର୍ଶିନୀ, ଶତରୁପା ପାଢ଼ୀ, ଅମିତ କୁମାର ବାରିକ, ମୋନାଲି ଦାସ, ତପନ କୁମାର ମହନ୍ତ, ସୁମନ ନାୟକ, ଆୟୁଶ କୁମାର ବାଡତ୍ୟା, ଶୁଭସ୍ମିତା ମୁଦୁଲି, କିଶୋର ମୋହନ ପ୍ରଧାନ, ଉଜଳ କୁମାର ପଣ୍ଡା, ଜେ. ସ୍ୱୟମ ଦୋରା, ଏମ. ସ୍ୱତିକ ପଣ୍ଡା, ରୁଦ୍ର ନାରାୟଣ ପ୍ରଧାନ, ଓମ ପ୍ରକାଶ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବାଣିଜ୍ୟରେ ୯୦% ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କେ ରାହୁଲ, ସ୍ମୃତି ନେପାକ, ନୈନା ରାଣୀ ଗୌଡ, ଶୁଭ୍ରମନ୍ୟୁ ସେନାପତି, ଶୁଭମ ରଥ ଓ ସେମାନଙ୍କ ମା' ବାପାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସମସ୍ତ କୃତି ଛାତ୍ରୀ ଛାତ୍ରଙ୍କୁ ସ୍ମୃତି ଚିହ୍ନ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ମା, ମାଟି, ମାତୃଭୂମି, ମାତୃଭାଷା, ସର୍ବୋପରି ଭଗବାନଙ୍କୁ କୌଣସି ପରିସ୍ଥିତିରେ ଭୁଲିବା ନାହିଁ ବୋଲି ପରାମର୍ଶ ଦେଇଥିଲେ । ଶିକ୍ଷାନୁଷ୍ଠାନର ଉପସଭାପତି ରବିନ୍ଦ୍ର ନାଥ ଜେନା ଛାତ୍ରୀ ଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିବାନନ୍ଦ ତ୍ରିପାଠୀ, ଉପସଭାପତି ରବିନ୍ଦ୍ରନାଥ ଜେନା, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତି ସାମଲ, ବାସନ୍ତି ବେହେରା, ଉପଦେଷ୍ଟା ଡ. ହରିକୃଷ୍ଣ ନାୟକ, ମମତା ପାଣିଗ୍ରାହୀ, ନରସିଂହ ଚୌଧୁରୀ, ଶିଶୁ ମନ୍ଦିର ପ୍ରଧାନଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ଡ ପ୍ରଶାନ୍ତ କୁମାର ପତି, ଡ ଭଗବାନ ତ୍ରିପାଠୀ, ଶ୍ରୀରାମ ପ୍ରଶାଦ ପଟ୍ଟନାୟକ, ଡ. ବିପିନ ସାହୁ ଓ ପ୍ରଶନ୍ନ କୁମାର କର ଏବଂ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ଅଭିଭାବକ ଉପସ୍ଥିତ ଥିଲେ।

# ଯୁବକଙ୍କୁ ମାଡ଼ମାରି ମୋବାଇଲ ଲୁଟ

ବ୍ରହ୍ମପୁର,୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଷ୍ଟେଶନ ରୋଡ଼ସ୍ଥିତ ସର୍କିଟ ହାଉସ ନିକଟରେ ଜଣେ ଯୁବକଙ୍କୁ ମାଡ଼ମାରି ମୋବାଇଲ ଫୋନ ଲୁଟ ହୋଇଛି। ଲୁଟର ଶିକାର ହୋଇଥିବା ବିଜିପୁରର ଏସ ରାମକ୍ରିଷ୍ଣା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୬୯/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ରାମକ୍ରିଷ୍ଣା ଷ୍ଟେଶନ ରୋଡ଼ ସ୍ଥିତ ଏକ ଅଫିସରେ କାମ କରନ୍ତି। ପ୍ରତିଦିନ ଭଳି ଗତ ୨୭ ତାରିଖ ରାତିରେ କାମ ସାରି ଘରକୁ ଫେରୁଥିବା ବେଳେ ୨ ଯୁବକ ରାସ୍ତାରେ ଅଟକାଇ ଟଙ୍କା ମାଗିଥିଲେ। ଟଙ୍କା ନଦେବାରୁ ତାଙ୍କୁ ମାଡ଼ ମାରି ମୋବାଇଲ ଫୋନ ଛଡ଼ାଇ ନେଇଥିଲେ।

# ମୁଖ୍ୟ ଅଭିଯୁକ୍ତଙ୍କ ରିମାଣ୍ଡ ସରିଲା, କୋଲକାତାରୁ ଜଣେ ଗିରଫ

## ପାଉଁରୁଟି ଫ୍ୟାକ୍ଟ୍ରିରୁ ନକଲି ମଦ ଜବତ ଘଟଣା

ବ୍ରହ୍ମପୁର,୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଥାନା ଅନ୍ତର୍ଗତ ଓମ୍ ବିହାରରେ ଗତ ଜୁନ ୧୬ରେ ଏକ ପାଉଁରୁଟି କାରଖାନାରୁ ପୋଲିସ ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ କରିଥିଲା। ଏହାର ଚେର କୋଲକାତା ପର୍ଯ୍ୟନ୍ତ ଲମ୍ବିଥିବା ଜଣାପଡ଼ିଛି। ନକଲି ମଦ କାରବାର କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ୨ ଭାଇଙ୍କ ମଧ୍ୟରୁ ତାରିଣୀ ଜେନାଙ୍କୁ କୋର୍ଟ ଅନୁମତି ପ୍ରକାରେ ପୋଲିସ ଗତ ୨୭ତାରିଖରୁ ୫ଦିନିଆ ରିମାଣ୍ଡରେ ଆଣିଥିଲା। ତାଙ୍କୁ ଜେରା ବେଳେ ନକଲି ମଦ ପ୍ରସ୍ତୁତି ପାଇଁ ଚୋରାରେ ଔଷଧୀୟ ସ୍ପିରିଟ୍, ଲେବଲ୍, ପ୍ଲାଷ୍ଟିକ୍ କ୍ୟାପ୍ ଆଦି ସାମଗ୍ରୀ କୋଲକାତାରୁ ଆଣୁଥିବା ପ୍ରକାଶ କରିଥିଲା। ତାରିଣୀଙ୍କ ବୟାନକୁ ଆଧାର କରି ପୋଲିସର ଏକ ତଦନ୍ତକାରୀ ଦଳ କୋଲକତା ଯାଇଥିଲା। ସେଠାରେ ବୁରା ବଜାରସ୍ଥିତ ସାଗର ଗେଷ୍ଟ ହାଉସରୁ ନକଲି ମଦ ପ୍ରସ୍ତୁତି ସାମଗ୍ରୀ ଯୋଗାଇବାରେ ସହାୟକ ହେଉଥିବା ଦଲାଲକୁ କାବୁ କରିବାରେ ସକ୍ଷମ ହୋଇଥିଲା। ସେ ହେଲେ ଶମ୍ଭୁ ପଟେଲ୍ (୪୯)। ତା'ଙ୍କୁ ପୋଲିସ କୋଲାକାତାରେ ଗିରଫ କରି ସେଠରେ ମେଟ୍ରୋ ପଲିଟାନ୍ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରି ଟ୍ରାନଜିଟ୍ ରିମାଣ୍ଡରେ ବ୍ରହ୍ମପୁର ଆଣିଥିଲା। ରବିବାର ତାଙ୍କୁ ବ୍ରହ୍ମପୁର ଏସଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। କୋର୍ଟ ନିର୍ଦ୍ଦେଶରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଏବେ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଓମ୍ ବିହାରେ ଥିବା ଏକ ପାଉଁରୁଟି ଫ୍ୟାକ୍ଟ୍ରିରେ ନକଲି ମଦ କାରବାର ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଡ଼ବଜାର ଥାନା ପୋଲିସ ଗତ ୧୬ତାରିଖରେ ସେଠାରେ ଚଢ଼ଉ କରିଥିଲା। ସେଠାରୁ ବିପୁଳ ପରିମାଣର ମଦ ଜବତ କରିଥିବା ବେଳେ ବେଆଇନ୍ ଭାବେ ନକଲି ବିଦେଶୀ ମଦ ପ୍ରସ୍ତୁତ କରାଯାଇ ଜିଲାର ବିଭିନ୍ନ ସ୍ଥାନ ଓ ଗଜପତି ଜିଲାକୁ ଚୋରାଚାଲାଣ ହେଉଥିବା ତଦନ୍ତରୁ ଜାଣିବାକୁ ପାଇଥିଲା। ଏଭଳି ବେଆଇନ୍ କାରବାର କରୁଥିବା ଅଭିଯୋଗରେ ପୋଲିସ ୨ ଭାଇ ତାରିଣୀ ଓ ପ୍ରଶାନ୍ତକୁ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନେ ହେଲେ ବୁଗୁଡ଼ା ଗାନ୍ଧୀ ଗ୍ରାମର ମୂଳ ନିବାସୀ ତାରିଣୀ ଜେନା ଓ ପ୍ରଶାନ୍ତ ଜେନା। ସେହିପରି ଉପରୋକ୍ତ ଦୁଇ ଅଭିଯୁକ୍ତ ଭାଇଙ୍କୁ ବିଭିନ୍ନ ବ୍ରାଣ୍ଡର ଷ୍ଟିକର୍ ଲାଗିଥିବା ଖାଲି ମଦ ବୋତଲ ଯୋଗାଉଥିବା ଅଭିଯୋଗରେ ନିମଖଣ୍ଡି ଥାନା ଅଞ୍ଚଳର ବିଜୟ ବାହାଦୁର୍ ଚୌହାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 14-SBP-TRD-OT-2023-24 ତା.27.06.2023ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳର ବଡ଼ମାଳ ଷ୍ଟେସନ ଦ୍ୱାରା ସେବିତ (Served) OFBL ସାଇଡିଙ୍ଗ୍ ଏକ୍ସଚେଞ୍ଜ ୟାର୍ଡର ଲାଇନ୍ ନଂ. 2 ଏବଂ 3ର ବିଦ୍ୟୁତିକରଣ।

**ଆନୁମାନିକ ମୂଲ୍ୟ :** ₹ 1,32,82,296.37, EMD : ₹2,16,400/-, କାର୍ଯ୍ୟ ଶେଷ ହେବା ଅବଧି: 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.07.2023ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-309/O/23-24

